# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25th May – 2025**

**News Editor : Tapan Kumar Moharana**

*******************************************

## ମୁଖ୍ୟ ସମ୍ବାଦ

- 'ଅପରେସନ୍ ସିନ୍ଦୂର' ଆମର ସଂକଳ୍ପ, ସାହସ ଓ ବଦଳୁଥିବା ଭାରତର ଦୃଷ୍ଟାନ୍ତ ବୋଲି ମନ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀଠାରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ

— ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ନେଇ ସୂଚନା ଦେଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା

- ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୩୫ଟି ଚକ ନିର୍ମାଣ କାର୍ଯ୍ୟ ଶେଷ; ଅଖ ଓ ଦଣ୍ଡା ନିର୍ମାଣ ପାଇଁ ପହଞ୍ଚିଲା କାଠ

ଏବଂ

- ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହ ବର୍ଷା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ

# ମନ୍ କି ବାତ୍

'ଅପରେସନ୍ ସିନ୍ଦୂର' ଭାରତର ଲୋକଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଜାଗ୍ରତ କରିଛି; ଏହା ଆମର ସଂକଳ୍ପ, ସାହସ ଓ ବଦଳୁଥିବା ଭାରତର ଦୃଷ୍ଟାନ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର 'ମନ୍ କି ବାତ'ର ୧୨୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଅପରେସନ ସିନ୍ଦୂର ସାରା ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବାକୁ ନୂଆ ଉତ୍ସାହ ଓ ଆତ୍ମବିଶ୍ୱାସ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂର ସମୟରେ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୀରତ୍ୱର ପ୍ରଶଂସା କରିଛନ୍ତି ।

ଆତଙ୍କବାଦ ବିରୋଧି ଲଢ଼େଇରେ ସମଗ୍ର ଦେଶ ଏକଜୁଟ ହୋଇ ଆତଙ୍କବାଦୀଙ୍କ ମୂଳୋତ୍ପାଟନ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି। ଅପରେସନ୍ ସିନ୍ଦୂରର ସଫଳତା ପରେ ଦେଶର ଅନେକ ଛୋଟ-ବଡ଼ ସହର ଓ ଗାଁରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ଦେଶରେ ସଶସ୍ତ୍ର ବାହିନୀକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ହଜାର ହଜାର ଲୋକ ତ୍ରିରଙ୍ଗା ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ । କେତେକ ସହରରେ ବହୁ ସଂଖ୍ୟକ ଯୁବକ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବକ ଭାବେ ଏକାଠି ହୋଇଥିଲେ ।

ଭାରତୀୟ ସେନା ଅଦମ୍ୟ ସାହସର ସହିତ ସ୍ୱଦେଶରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆତଙ୍କୀ ଶିବିରଗୁଡ଼ିକୁ ଧ୍ୱଂସ

କରିଥିଲେ। ଯାହା ଆତ୍ମନିର୍ଭର ଭାରତର ସଂକଳ୍ପକୁ ପ୍ରତିପାଦନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତରେ ପ୍ରସ୍ତୁତ ଖେଳନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ପିତାମାତାଙ୍କୁ ପିଲାଙ୍କ ପାଇଁ ସ୍ୱଦେଶ ପ୍ରସ୍ତୁତ ଖେଳନା କ୍ରୟ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଜନଭାଗିଦାରୀତା ଭାରତର ପ୍ରମୁଖ ଶକ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭାରତରେ ପ୍ରସ୍ତୁତ ଉତ୍ପାଦ କିଣିବା ପାଇଁ ପ୍ରାଥମିକତା ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଏହା ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦେଶ ଗଠନରେ ଭାଗିଦାରୀତାକୁ ପ୍ରୋତ୍ସାହନ ପ୍ରଦାନ କରିବ।

ଖେଲୋ ଇଣ୍ଡିଆ କ୍ରୀଡ଼ାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ରୀଡାବିତ୍‌ଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ, ମହାରାଷ୍ଟ୍ରର ଅସ୍ମିତା ଧୋନ୍ ଏବଂ ଉତ୍ତରପ୍ରଦେଶର ତୁଷାର ଚୌଧୁରୀଙ୍କ ପ୍ରଦର୍ଶନକୁ ଶ୍ରୀ ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି ।

**-V/O-***(PM)*

ଓଡ଼ିଶାର ଭାରୋତ୍ତଳନକାରୀ ହର୍ଷବର୍ଦ୍ଧନ ସାହୁ ତାଙ୍କର ସଫଳତାର ଯାତ୍ରା ସମ୍ପର୍କରେ ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି...

**-V/O-***(Harshabardhan Sahoo)*

ଗୁଜରାଟର ଗୀର୍‌ଠାରେ ସିଂହଙ୍କ ସଂଖ୍ୟାବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୫ ବର୍ଷ ମଧ୍ୟରେ ସିଂହଙ୍କ ସଂଖ୍ୟା ୬୭୪ରୁ ୮୯୧ରେ ପହଞ୍ଚିଛି।

ଆନ୍ତର୍ଜାତିକ ଯୋଗ ଦିବସ ଆସନ୍ତାମାସ ୨୧ ତାରିଖରେ ପାଳନ କରାଯିବ । ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ସମସ୍ତଙ୍କୁ ଏହି ଦିବସ ମନେପକାଇଦିଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍ ଏନ୍‌ଡିଏ ଗଭର୍ଣ୍ଣାନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ଶେଷ ହୋଇଛି। ବୈଠକରେ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ-ଅପରେସନ୍ ସିନ୍ଦୂର ଓ ଜାତିଗତ ଜନଗଣନାକୁ ପାରିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

ସୁଶାସନ ପ୍ରସଙ୍ଗ ଉପରେ ଆଧାରିତ ଏହି ଦିନିକିଆ ବୈଠକରେ ୨୦ଟି ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ୧୮ ଜଣ ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ବିକାଶ ପାଇଁ ଗ୍ରହଣ କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ବିଷୟରେ ଅନ୍ୟମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସୁଶାସନ, ସମାବେଶୀ ବିକାଶ ଏବଂ ରାଜ୍ୟଗୁଡ଼ିକର ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହାସହ ଏକ ସମୃଦ୍ଧ ଏବଂ ସଶକ୍ତ ଭାରତ ଗଠନ ଦିଗରେ ସମସ୍ତେ ସହଭାଗୀ ହୋଇ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ରଥକାଠ

ବିଶ୍ୱପ୍ରସିଦ୍ଧ **ପୁରୀ** ରଥଯାତ୍ରା ପାଇଁ ଆଜି ରଥଖଳାରେ ୩ ରଥର ୩୫ଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୩ ରଥର ୧୪ ନାହାକା ଚଉପଟ କାର୍ଯ୍ୟ ଜାରି ରହିଥିବାବେଳେ ଅଖ ଓ ଦଣ୍ଡା ନିର୍ମାଣ ନେଇ ୩୨ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ମହାରଣା ସେବକଙ୍କ କାର୍ଯ୍ୟର ସହାୟକ ଭାବେ ଭୋଇ ସେବକ ୩ ରଥର ଚଉପଟ ସରିଥିବା ଭୂଇଁ ଚଉତରାର ବିନ୍ଧ ଅନୁକୂଳ ପାଇଁ ମାପ ଚିହ୍ନର ସୂତାବାଡିଆ କାମ ଜାରି ରଖିଛନ୍ତି। ଏହା ସହ ୩ ରଥର ୧୪ ନାହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ ଅମିନ ଯୋଗାଇଥିବା ୪ଟି ଲେଖାଏଁ ୨୦ ଫୁଟିଆ କାଠର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନଙ୍କ ଦ୍ୱାରା ୩ ରଥ ସାଲଗୁଜରେ ରୂପ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ପ୍ରାକ୍ ବନ୍ୟା ବୈଠକ

ଭୁବନେଶ୍ୱରସ୍ଥିତ ରାଜୀବ ଭବନ ସମ୍ମିଳନୀ କକ୍ଷରେ ଆସନ୍ତା ୨୯ ତାରିଖ ମଙ୍ଗଳବାରଦିନ ପ୍ରାକ୍ ବନ୍ୟା ମୁକାବିଲା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହେବ। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ହେବାକୁଥିବା ବୈଠକରେ ବନ୍ୟା ପରିସ୍ଥିତିର ମୁକାବିଲା, ରାଜ୍ୟର ସମସ୍ତ ଡ୍ୟାମ୍ ଓ ନଦୀ ଗର୍ଭ ଜଳାଶୟ ପ୍ରକଳ୍ପର ସ୍ଥିତାବସ୍ଥା ସମ୍ପର୍କରେ ଆଲୋଚନା କରାଯିବ। ଦୁର୍ବଳ ନଦୀବନ୍ଧ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ମରାମତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ରାଜ୍ୟର ସମସ୍ତ ଜଳଭଣ୍ଡାରଗୁଡ଼ିକର ପରିଚାଳନାଗତ ପ୍ରସଙ୍ଗ, ନଦୀବନ୍ଧ ସୁରକ୍ଷା ଅନୁଧ୍ୟାନ, ବନ୍ୟା ମୁକାବିଲା ଟିମ୍‌ର ପ୍ରସ୍ତୁତି, ଗେଟ୍ ପରିଚାଳନା

ନେଇ ମକ୍‌ଡ୍ରିଲ୍‌, ବନ୍ୟା ନିୟନ୍ତ୍ରଣ କକ୍ଷର ସ୍ଥିତି ଓ ଜନ ସଚେତନତାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡିଛି।

## ଥାଲାସେମିଆ କେନ୍ଦ୍ର

କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଥାଲାସେମିଆ ଓ ସିକିଲସେଲ୍‌ ରୋଗୀଙ୍କ ପାଇଁ କେନ୍ଦ୍ରୀୟ ଅନୁଦାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଉତ୍କର୍ଷ କେନ୍ଦ୍ର ନିର୍ମାଣ କରାଯିବ। ଏଥିପାଇଁ ୨୦ କୋଟି ଟଙ୍କା ବ୍ୟୟ କରାଯିବ। କେନ୍ଦ୍ରୀୟ ଅନୁଦାନରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ରରେ ସିକିଲସେଲ ଓ ଥାଲାସେମିଆ ରୋଗୀଙ୍କର ସମସ୍ତ ପ୍ରକାର ପରୀକ୍ଷା ବ୍ୟବସ୍ଥା କରାଯିବ। ଏଥିପାଇଁ ନୋଡାଲ ଅଫିସର ଭାବେ ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡାକ୍ତର ଉମାକାନ୍ତ ଶତପଥିଙ୍କୁ ଦାୟିତ୍ୱ ଦିଆଯାଇଛି। ଏସ୍‌ସିବି ପରିସରରେ ଖାଲିଥିବା ସ୍ଥାନରେ କୋଠା ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ସରିଛି। ତେବେ ଏହି କେନ୍ଦ୍ରରେ କେତେ ଶଯ୍ୟା ରହିବ ଏବଂ କି ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ରହିବ ସମ୍ପର୍କରେ ଖୁବ୍‌ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

## ରଥକାଠ

ବିଶ୍ୱପ୍ରସିଦ୍ଧ **ପୁରୀ** ରଥଯାତ୍ରା ପାଇଁ ଆଜି ରଥଖଳାରେ ୩ ରଥର ୩୫ଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୩ ରଥର ୧୪ ନାହାକା ଚଉପଟ କାର୍ଯ୍ୟ ଜାରି ରହିଥିବାବେଳେ ଅଖ ଓ ଦଣ୍ଡା ନିର୍ମାଣ ନେଇ ୩୨ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ମହାରଣା ସେବକଙ୍କ କାର୍ଯ୍ୟର ସହାୟକ ଭାବେ ଭୋଇ ସେବକ ୩ ରଥର ଚଉପଟ ସରିଥିବା ଭୂଇଁ ଚଉତରାର ବିନ୍ଧ ଅନୁକୂଳ ପାଇଁ ମାପ ଚିହ୍ନର ସୂତାବାଡିଆ କାମ ଜାରି ରଖିଛନ୍ତି। ଏହା ସହ ୩ ରଥର ୧୪ ନାହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ

ଅମିନ ଯୋଗାଇଥିବା ୪ଟି ଲେଖାଏଁ ୨୦ ଫୁଟିଆ କାଠର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି । ରୂପକାର ସେବକମାନଙ୍କ ଦ୍ୱାରା ୩ ରଥ ସାଲଗୁଜରେ ରୂପ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

## ଉତ୍କଳ ପ୍ରସଙ୍ଗ

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇବ । ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସହ ଉନ୍ନୟନମୂଳକ ପ୍ରକଳ୍ପ ଓ ସଫଳତାର କାହାଣୀ ସମ୍ବଳିତ ଆଲେଖ୍ୟ ପ୍ରକାଶ ପାଇବ । ଏଥିପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଲେଖା ଆହ୍ୱାନ କରାଯାଉଛି । ଉତ୍ସୁକ ବ୍ୟକ୍ତି ସୂଚନା ଓ ଲୋକସମ୍ପର୍କ ବିଭାଗର ଇ-ମେଲ୍- **uporipr@gmail.com**ରେ ଆସନ୍ତାମାସ ୨ ତାରିଖ ସୁଦ୍ଧା ପଠାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି ।

## ସବ୍‌ଷ୍ଟେସନ୍ ଲୋକାର୍ପଣ

**ନବରଙ୍ଗପୁର** ଜିଲ୍ଲା ରାଇଘର ବ୍ଲକ୍‌ର ଡୁମୁରୀମୁଣ୍ଡାଠାରେ ୩୩/୧୧ କେ.ଭି. କ୍ଷମତାସମ୍ପନ୍ନ ସବ୍‌ଷ୍ଟେସନକୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲୋକାର୍ପଣ କରିଛନ୍ତି । ସବ୍‌ଷ୍ଟେସନ ଅଧୀନରେ ଥିବା ୪ଟି ପଂଚାୟତର ଲୋକ ଏହାଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ସୂଚନାଯୋଗ୍ୟ, ରାଇଘର ବ୍ଲକ୍‌ର ୨୬ଟି ପଞ୍ଚାୟତରେ ଦୀର୍ଘଦିନ ଧରି ବିଦ୍ୟୁତ୍ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ଆସୁଥିଲା । ଡୁମୁରୀମୁଣ୍ଡା ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ହେଲେ ଚାଷୀଙ୍କ ସମସ୍ୟାର ସମାଧାନ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

## ଶ୍ରାଦ୍ଧ ଦିବସ

ରାଜ୍ୟ ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ରୂପେଶ ପାଣିଗ୍ରାହୀ, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ପାଣିପାଗ

ରାଜ୍ୟରେ  ଆଗାମୀ ୭ ଦିନ ପର୍ଯ୍ୟନ୍ତ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ସମେତ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

କୋରାପୁଟ ଜିଲ୍ଲା ଲମତାପୁଟଠାରେ ଆଜି ୮୦ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି।

**-V/O-***(Manorama Mohanty)*